# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

## ଡାଇରୀ ସାଇତା କବିତା

● ରମେଶ ମଙ୍ଗରାଜ



୩୪୩

ଏମିତିକା ହାଟଟିଏ
ବିକାକିଣା ହୁଏନାହିଁ ଶେଷ
ଲୋଭିଲା ଆଖିରେ ଭୋକ
ଖାଇବାକୁ ତାଜା ରକ୍ତମାଂସ ।୧।

ଏ ହାଟର ଚଉପାଖେ
ଘୁରୁଥାନ୍ତି ଗୁପ୍ତ ଇଚ୍ଛା ମାନେ
ସୁପ୍ତ ଭୋକ ମେଣ୍ଟାଇବା
ଆଶାବାନ୍ଧି ରଖିଥାନ୍ତି ମନେ ।୨।

ହାଟ ସେମିତିକା ଥାଏ
କେତେ ଆସି କେତେ ଲେଉଟନ୍ତି
ସେପରା ଦେହର ହାଟ
କାମନାରେ କାମୁକ ଜଳନ୍ତି ।୩।

୩୪୪

ବ୍ୟସ୍ତ ରହୁଥିବା ଲୋକ
ଅହଂକାରୀ ମଣିଷ ହାତରେ
ସମୟ ନଥାଏ କେବେ
ଯୋଡ଼ିବାକୁ ସମ୍ପର୍କ ସତରେ ।୧।

ବ୍ୟସ୍ତ ଏତେ କାହା ପାଇଁ
କ'ଣ ଅବା ସାଥେ ନେଇଯିବ
ଅହଂକାରୀ ମନନେଇ
କେତେଦିନ ଶାସନ କରିବ ।୨।

ବୟସ ଗଡ଼ିବା ପରେ
କମିଯିବ ଦିନେ ତେଜ ଦାଉ
କେହି ପଚାରିବେ ନାହିଁ
ରହିବନି ନିଜର ଏ ଭାଉ ।୩।

୩୪୫

କୋରଡ଼ର ପେଚାଟିଏ
ହୁଁ-ହାଁ' ଗୀତ ଗାଉଥାଏ
ସ୍ୱର ତା' ଅଶୁଭ ବୋଲି
ମଣିଷ ତା' କାନେ ହାତ ଦିଏ ।୧।

ରାତି ତା'ର ଅତି ପ୍ରିୟ
ଦିନ ତା'ର ବଇରୀ ସମାନ
କଳଙ୍କିତ ଅଧ୍ୟାୟରେ
ଲେଖା ତା'ର ଅଲୋଡ଼ା ଜୀବନ ।୨।

ସପନ ଉଜୁଡ଼ି ଯାଏ
ଗୁମୁଟିରେ ସଂସାର କାନ୍ଦଇ
ଜାଣେ ନାହିଁ କେତେବେଳେ
କାଳ ତାକୁ ନେବ ତ' କୋଳେଇ ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୬୨୮୦**



## କଥା ଏତିକି

# ସହରରେ ଜେଜେମା' କାହିଁ ?

● ସୁନୀଲ ବୋଷ

ସହରରେ ଦିଗ୍‌ବଳୟ ନାହିଁ । ଜହ୍ନ ନାହିଁ । ଜେଜେମା' ନାହିଁ । ଦିଗ୍‌ବଳୟ, ଯେଉଁଠି ଛିଡ଼ା ହେଲେ ଆକାଶକୁ ହାତ ପାଇବ ବୋଲି ମନେହୁଏ କିନ୍ତୁ ପାଖକୁ ଗଲେ ସିଏ ପୁଣି ଦୂରେଇଯାଏ । ଗାଁ ତାଳବଣ ଆରପଟେ ସବୁଜ କ୍ଷେତ ଯେଉଁଠି ଆକାଶକୁ ଚୁମେ, ଯେଉଁଠି ସୂରୁଯ ଲୁଚିଯାଏ ଗୋଠ ଘରକୁ ଫେରିବା ପରେ, ତାକୁ କହନ୍ତି ଦିଗ୍‌ବଳୟ । ସହରରେ କେମିତି ମିଳିବ ଏ ଗାଉଁଲି ଦରବ? ସହରୀ ପିଲାଙ୍କର ପରିଚୟ ନାହିଁ ଦିଗ୍‌ବଳୟ ସହିତ ।

ଜହ୍ନର ଖବର ରଖନ୍ତିନି ଏଠିକାର ଲୋକେ । ଜହ୍ନ ଏଠି ଭାସେନି ପଦ୍ମଁ ପୋଖରୀରେ, ପୂର୍ଣ୍ଣମୀ ତିଥିରେ । ସହରରେ ଆକାଶ ଖୁବ୍ କମ୍ । ଜହ୍ନ ପାଇଁ ଆକାଶର ଅଭାବ ଏଠି । ଏଠି ଜେଜେମା' କାହାଁନ୍ତି ? ଛୋଟ ପରିବାର ଗଢ଼ିବାର ନିଶାରେ ଜେଜେ-ଜେଜେମା' ସବୁବେଳେ ଗାଁ'ରେ । ପିଲାଏ କାର୍ଟୁନ ଦେଖାରେ ବ୍ୟସ୍ତ । ପାଠର ଚାପାରେ କ୍ଳାନ୍ତ । ଜେଜେମା'ଠାରୁ ଗପ ଶୁଣି ଶୁଣି ଶୋଇବାର ଅଭ୍ୟାସ ତା'ର ନାହିଁ ।

ଲୋକକଥା ଲୋକେ ଭୁଲି ଗଲେଣି । କହିବା ଲୋକଙ୍କ ସଂଖ୍ୟା ବି କମି ଗଲାଣି । ନାତି ଆଉ ଅଝଟ କରୁନି ଗପ ଶୁଣିବାକୁ । ବାପାଙ୍କ ମଟର ସାଇକେଲ ଟାଙ୍କି ଉପରେ ବସି ଘେରାଏ ବୁଲିଆସିଲେ ମନ ତା'ର ବୁଝିଯାଉଛି । ବୁଢ଼ା-ବୁଢ଼ୀ ଏବେ ସମସ୍ୟା ପାଲଟିଛନ୍ତି । ଗୁହମୂତ କରିବ କିଏ ସେ? ଯେଉଁମାନେ ଆମ ଗୁହମୂତ ଘାଣ୍ଟି ଆମକୁ ମଣିଷ କଲେ ସେମାନେ ବୋଝ ପାଲଟି ଯାଉଛନ୍ତି । ନିଜ ନିଜର ବୃତ୍ତି ବଳଉଛି ସମସ୍ତଙ୍କୁ, ବୁଢ଼ାବୁଢ଼ୀଙ୍କ ପାଇଁ ସମୟ କାହିଁ?

'ଓଲ୍ଡ ଏଜ୍ ହୋମ୍' ମୁଣ୍ଡ ଟେକୁଛି ପ୍ରତିଦିନ । ଓଲ୍ଡ ଏଜ୍ ହୋମ୍ ଚଳେଇବା ଆଜିକାଲିର ସବୁଠୁ ବଡ଼ ସମାଜ ସେବା ।

ମୋର ଜଣେ ବନ୍ଧୁ ଥରେ କହିଲେ- ଓଲ୍ଡ ଏଜ୍ ହୋମ୍‌ଟିଏ କଲେ କେମିତି ହୁଅନ୍ତା? ତୋର ମତ କ'ଣ?

ମୁଁ କହିଲି- ମୋର ତ ଇଚ୍ଛା ଓଲ୍ଡ ଏଜ୍ ହୋମ୍ ନହେଉ ଦେଶରେ । 'ଓଲ୍ଡ ଏଜ୍ ହୋମ୍'ର ଆବଶ୍ୟକତା ନପଡୁ । ଯେତେ ଅଧିକ ସଂଖ୍ୟାରେ ଏଭଳି ଓଲ୍ଡ ଏଜ୍ ହୋମ୍ ମୁଣ୍ଡ ଟେକିବ ପିଲାଏ ସେତେ ଓହରିଯିବେ ତାଙ୍କ କର୍ତ୍ତବ୍ୟରୁ । ମୂଲ୍ୟବୋଧ ସମାଧି ପାଇବ । ବରଂ କେମିତି ଓଲ୍ଡ ଏଜ୍ ହୋମ୍‌ର ଆବଶ୍ୟକତା ରହିବନି ସେ ଦିଗରେ ଚିନ୍ତା କରିବା ଉଚିତ ।

ମୋ ବନ୍ଧୁଜଣକ ଟିକେ ନିରବୀ ଗଲେ ଏବଂ କହିଲେ- ସବୁ ଘରର ସମସ୍ୟା କ'ଣ ସମାନ?

ମୁଁ କହିଲି- ତୁ' କ'ଣ ଚାହୁଁନା ତୋ' ପିଲାଏ ତାଙ୍କ ଜେଜେ ଆଉ ଜେଜେମା'ଙ୍କଠାରୁ ଗପ ଶୁଣନ୍ତୁ ବୋଲି?

# ପ୍ରତୀକ୍ଷିତ ଉପେକ୍ଷା

● ନଟବର ସାହୁ

ତୁମ ଉପେକ୍ଷା ହିଁ ମଧୁରତମ
ଅପେକ୍ଷାର ଅନ୍ତଃହୀନ ଯନ୍ତ୍ରଣା
ଜଣା ଅଜଣାରେ ଘଟିଥିବା
ଆକସ୍ମିକ ସଂଯୋଗ,
ନା ଛାଡ଼ିହୁଏ ନା ଧରିହୁଏ
ନା ନିଜ ପାଇଁ ନା ତୁମ ପାଇଁ ।

ହସକାନ୍ଦର ଦ୍ୱନ୍ଦ୍ୱ ପାଚେରି
ଉଠାଏ, ସମ୍ପର୍କର ସେତୁ
ଦୁର୍ବଳ ହୁଏ କ୍ରମଶଃ,
ଅବୁଝା ମନ ଅଳିକରେ
ଡାଳ ଡେଇଁ ଫୁଲ ତୋଳିବାକୁ
କଣ୍ଟା କୁଦି କୋଳି ତୋଳିବାକୁ
ତେବେ ବି ନିଦ ଭାଙ୍ଗେନି ।



ତୁମ ଭୀତତ୍ରସ୍ତ ଆଶା ଦ୍ୱିଧାଜଡ଼ିତ
ପାଦ
ଜଡ଼ାଇ ରଖେ ତୁମ କବଳିତ
ନିରୀମାଖି ଆତ୍ମାକୁ
ପଥାରୁଢ଼ କରି ସ୍ୱର୍ଗଦ୍ୱାରକୁ ।

**ଗୁରୁଜଙ୍ଗ, ଖୋର୍ଦ୍ଧା**
**ମୋ. ୯୮୬୧୨ ୧୬୩୨୯**

# ହାତଲେଖା ଚିଠି

● ଜ୍ଞାନ ଦାଶ

ହାତଲେଖା ଚିଠି ଦେଇଥିଲା ଲେଖି
ପଢୁଥିଲି ରାତି ରାତି,
ମିଠା ସପନରେ ପାହୁଥିଲା ନିଶି
ସେ ଦିନ ଯାଇଛି ବିତି ।

ଅଠର ବୟସୀ ରସିକା ନାଗରୀ
କାମିନୀ କୁସୁମ ବାସେ,
ତନୁ ସରସୀରେ ସ୍ନାହାନ କରାଇ
ପ୍ରଣୟ ପରଷି ବସେ ।

କଅଁଳ ପତର ସୁଲୁସୁଲୁ ବାଆ
ଓଢ଼ଣି ଉଡେଇ ନେଲା
ଭରାଯଉବନ ହୁଏ ଟଳମଳ
କୁହୁକ ମନ୍ତର କଲା ।



# ପୂନେଇଁର ରାତି

ପୂନେଇଁର ରାତି ଭରିଦିଏ ପ୍ରୀତି
ଦେହରେ ଭରଇ ତାତି,
ପ୍ରାଣ ପ୍ରିୟା ମୋର ନାହିଁ ମୋର
ପାଶେ
କେମିତି ବିତିବ ରାତି ।

ଆସିବା ପଥକୁ ରହିଛି ଅନାଇ
ଚାତକ ପରି ମୁଁ ଚାହିଁ,
କେତେ ଦିନୁ ପ୍ରିୟା ଦର୍ଶନ ଦେଇନି
ମନଟା ବୁଝୁନି କାହିଁ ।

ବଧୂବେଶ ମୋର କପାଳରେ ନାହିଁ
କାହିଁକି ଏମିତି ହେଲା
ସୁଖେ ରାତି ମୋର କଟି ଯାଇଥାନ୍ତା
କଳ୍ପନାରେ ରହିଗଲା ।

***ନବୀନାବାଗ, ଖୋର୍ଦ୍ଧା***
***ମୋ. ୯୪୩୭୨୩୨୮୭୩***

# ଲଭ୍ ଷ୍ଟୋରୀ

● ତୁଷାର ପାଲଟାସିଂହ



ସେତେବେଳର କଥା ଅଲଗା । ଆମ କ୍ଲବରେ ବର୍ଷକୁ ଥରେ ଡ୍ରାମା ହେଉଥିଲା । ଦୁଇ ତିନିଥର ଯାତ୍ରାପାର୍ଟି ପଡୁଥିଲା । ଏବେ ସିନା ବହୁତ ଯାତ୍ରାପାର୍ଟି ହେଲାଣି । ସେତେବେଳେ କିନ୍ତୁ ଏତେ ନଥିଲା । କିନ୍ତୁ ସେମାନେ ଆମ ସହରକୁ ଆମ କ୍ଲବକୁ ଆସିବାକୁ ଭଲ ପାଉଥିଲେ । ଏଇଥିପାଇଁ ଯେ ଆମର କ୍ଲବର ସଭ୍ୟମାନେ ବହୁତ ଦାୟିତ୍ୱ ନେଇ ଯାଉଥିଲେ । ଟିକଟ କାଟୁଥିଲେ । ଦର୍ଶକମାନଙ୍କୁ ବସାଉଥିଲେ । ଗେଟ୍ ମୁହଁରେ ଜଗୁଥିଲେ। ଶୃଙ୍ଖଳାରେ ସବୁ ଚାଲୁଥିଲା । ଯାତ୍ରାପାର୍ଟିମାନେ ମଧ୍ୟ ଭଲ ରୋଜଗାର କରୁଥିଲେ ।

ତା' ପୂର୍ବରୁ ଆମର ପିଲାଦିନେ ଥିଏଟର ପାର୍ଟି ସବୁ ଆସୁଥିଲେ । ଭଲ ଭଲ ବିଷୟ ସବୁ କରୁଥିଲେ । ତମ୍ବୁ ଭିତରେ ସିନେମା ଦେଖାଯାଉଥିଲା। ବେଳେ ବେଳେ ସରକାରଙ୍କ ତରଫରୁ ରାସ୍ତାକଡ଼ରେ ମଧ୍ୟ ସିନେମା ଦେଖାଯାଉଥିଲା ।

ଆମେ ତିନି ସାଙ୍ଗ ଥିଲୁ । ଯାତ୍ରା ପଡ଼ିଲେ ଆମର ମଜା । ଆମେ ଯାତ୍ରା ଦେଖୁନଥିଲୁ । ରାତିସାରା ଆମେ ଚା' ପିଉଥିଲୁ । ପାନ ଖାଉଥିଲୁ ଆଉ ଗପୁଥିଲୁ। ଏମିତି ଏମିତି ରାତି ପାହୁଥିଲା ।

ଟିକେଟ୍ ବିକ୍ରି ସରିବା ପରେ, ଦର୍ଶକମାନେ ପ୍ରବେଶ କରିବା ପରେ, ଯାତ୍ରା ଆରମ୍ଭ ହୋଇଯିବା ପରେ ଚାରିକଣର ଆଢୁଆଳ ଖୋଲି ଦିଆଯାଏ। ଲୋକମାନେ ଶାନ୍ତିରେ ଦେଖନ୍ତି । ଖୋଲା ହୋଇଯିବାରୁ ଗରମ କମିଯାଏ । ପବନ ହୁଏ । ଆମକୁ ମଜା ଲାଗେ ସିନେମା ଢାଞ୍ଚାରେ ମଝିରେ ମଝିରେ ଦିଶୁଥିବା ଡୁଏଟ୍ ନାଚଗୀତ କିମ୍ବା କମେଡ଼ିଆନ୍ କରୁଥିବା ରଙ୍ଗରସ ।

ଆମେ ମୁଖ୍ୟତଃ ସାହିତ୍ୟ ଉପରେ ଗପୁଥିଲୁ । କେଉଁଠୁ କେଉଁଯାଏ । କିଏ କେଉଁ ବହି ପଢ଼ିଛି ସେ ବିଷୟରେ ଆଲୋଚନା କରୁଥିଲୁ । ସେତେବେଳେ ଯୁଗଥାଏ ସ୍ଥିତିବାଦୀମାନଙ୍କର । ଆମ ଭିତରୁ କାହାକୁ ଭଲ ଲାଗୁଥିଲା କାମ୍ୟୁଙ୍କର 'ଆଉଟ୍ ସାଇଡର' । ଆଉ କାହାକୁ ଭଲ ଲାଗୁଥିଲା 'ସାର୍ତ୍ତଙ୍କର ନଉସିଆ' । ମତେ କିନ୍ତୁ ଭଲ ଲାଗୁଥିଲା 'କାପ୍‌କାଙ୍କର ମେଟାମର୍ଫୋସିସ୍'। ଆହୁରି ଭଲ ଲାଗୁଥିଲା ତାଙ୍କର ଡାଇରୀ । ଟିଏସ୍ ଇଲିଅଟଙ୍କର 'ୱେଷ୍ଟଲ୍ୟାଣ୍ଡ' ଓ ସେହି ଢାଞ୍ଚାରେ ଗୁରୁପ୍ରସାଦ ମହାନ୍ତିଙ୍କର 'କାଳପୁରୁଷ' ଆଲୋଚନା ମଧ୍ୟ କରୁଥିଲୁ । ଥରେ ଗୋଟିଏ ସିମେଣ୍ଟ ବେଞ୍ଚରେ ବଙ୍ଗଳାର ବିଶିଷ୍ଟ କବି ଶକ୍ତି ଚାଟାର୍ଜୀଙ୍କର କବିତାର ଧାଡ଼ିଟିଏ ଦୀପୁ ମନେ ପକାଇଲା । ରେଳ ଲାଇନ୍‌ରେ ମୁଣ୍ଡ ଦେଇ ଶୋଇଥିବା ବ୍ୟକ୍ତି, ବିଶ୍ୱଶାନ୍ତି କଥା କ'ଣ ଜାଣେ ? ଏହି ସମୟରେ ଆମର ପରିବେଶ ସୁଧାରିବା ପାଇଁ କହିଥିବା ନର୍ସରୀର ଶ୍ରମିକ ଆସି ତା'ର ଦିନକର ପାରିଶ୍ରମିକ ପାଇଁ ଗୁହାରି କରିବା ସଂଘର୍ଷରତ ମଣିଷମାନଙ୍କର ସମସ୍ୟା ପ୍ରତି ଆମକୁ ସଚେତନ କରିଥିଲା ।

ଜିତୁ ଓ ମୁଁ ଲେଖାଲେଖି ଆରମ୍ଭ କରିଥିଲୁ । ସିନ୍ଧୁ ସବୁ ପଢୁଥିଲା । ଶୁଣୁଥିଲା, ମନ୍ତବ୍ୟ ଦେଉଥିଲା । ସେ ଥିଲା ଜଣେ ବିଜ୍ଞ ପାଠକ, ଅନ୍ୟ ଅର୍ଥରେ ସାହିତ୍ୟର ଏକସଚ୍ଚା ସମାଲୋଚକ । ସେ ସବୁବେଳେ ଆମକୁ କହେ ଆମର କର୍ମକ୍ଷେତ୍ର ବିଷୟରେ ଲେଖିବା ଛାଡ଼ିବାକୁ, ତା' ବାହାରକୁ ବାହାରିବାକୁ । ଯେମିତି ମୋର ସେତେବେଳେ ଦୁଇଟି ଲେଖା କୁକୁଡ଼ା ବତକ ଇତ୍ୟାଦି ଗୃହପାଳିତ ପକ୍ଷୀ ଓ 'ସଲାମ୍ ରାଣୀପାର୍କ' ଛାତ୍ରଛାତ୍ରୀଙ୍କୁ ବହୁତ ଭଲ ଲାଗିଥିଲା । କାରଣ କଲେଜର ଡ୍ରେସ୍‌କୋଡ ଓ ନିର୍ବାଚନ ସମ୍ପର୍କରେ ତାହା ଲେଖା ଯାଇଥିଲା । କିନ୍ତୁ ସିନ୍ଧୁ ଏହାକୁ ପସନ୍ଦ କରିନଥିଲା ।

ସେ ସବୁବେଳେ ଜିତୁ ଓ ମୋତେ ଲଭ୍‌ଷ୍ଟୋରୀ ଲେଖିବାକୁ କହୁଥିଲା । ସେ ଆମକୁ ଦୁଇଟି କାଳଜୟୀ ଲଭ୍‌ଷ୍ଟୋରୀର ଉଦାହରଣ ଦଉଥିଲା । ଶରତଚନ୍ଦ୍ରଙ୍କର 'ଦେବଦାସ' ଓ ଅନ୍ୟଟି ଥିଲା ଅଖିଲନଙ୍କର 'ଚିତ୍ରପ୍ରିୟା'। ଏ ଦୁଇଟି ତା'ର ଅତି ପ୍ରିୟ ଥିଲା ।

ଆମର ଦୁର୍ଭାଗ୍ୟକୁ ଦିନକୁ ଦିନ ସିନ୍ଧୁର ଦେହ ଖରାପ ଆରମ୍ଭ ହେଲା । ତା'କୁ ବମ୍ବେ ଯିବାକୁ ପଡ଼ିଲା । ତା' ପାଟି ଭିତରେ ଅପରେସନ୍ ହେଲା। ସେ ପ୍ରଥମେ ଖନେଇ ଖନେଇ କଥା କହୁଥିଲା। ପରେ ଆଉ କିଛି କହିପାରିଲାନି। ଘରେ ବହୁତ ପୂଜାପୂଜି କଲେ। ଦିନଟିଏ ବଞ୍ଚିଲେ ଆମକୁ ଲାଗୁଥିଲା ଯେପରି ତାହା ଭଗବାନଙ୍କର ଆଶୀର୍ବାଦ।

ଦିନେ ରାତିରେ ହଠାତ୍ ତା'ର ପାଟିରୁ ରକ୍ତ ବାହାରିଲା । ଆଉ ବନ୍ଦ ହେଲା ନାହିଁ । ତାକୁ ତୁରନ୍ତ ଡାକ୍ତରଖାନା ନେବାକୁ ପଡ଼ିଲା । ଡାକ୍ତରମାନେ ନିରୁପାୟ ହୋଇ ପଡ଼ିଲେ । ତୁରନ୍ତ ବଡ଼ ଡାକ୍ତରଖାନାକୁ ପଠାଇବା ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ସେ ସମୟରେ ସେ ଢୁଲୁଢୁଲୁ ଆଖିରେ ଜିତୁକୁ ଚାହୁଁଥିଲା । ମତେ ଚାହୁଁଥିଲା । ସେ ସମୟରେ ମନେ ପଡ଼ିଲା, ତା'ର ଆମ ପାଖରେ ଥିବା ଅଳି, ଅନୁରୋଧ-କାଳଜୟୀ ଲଭ୍‌ଷ୍ଟୋରୀ ଲେଖ ।

ଜିତୁ ପକେଟ୍‌ରୁ ଖଣ୍ଡେ କାଗଜ ବାହାରକଲା । ସେଥିରେ ସେ ଲେଖିଥିଲା 'ଆମେ ତମକୁ ବହୁତ ଭଲପାଉଛୁ ସିନ୍ଧୁ । ମୁଁ ମୋ' ପକେଟ୍‌ରୁ ଖଣ୍ଡେ କାଗଜ ବାହାରକଲି । ସେଥିରେ ମୁଁ ଲେଖିଥିଲି ଆମେ ତମକୁ ବହୁତ ଚାହୁଁଛୁ ସିନ୍ଧୁ । ସିନ୍ଧୁ କାଗଜ ଦୁଇଟି ଉପରେ ଥରେ ଆଖି ବୁଲାଇ ଆଣିଲା । ତା' ପରେ ଆଉ ଥରେ ବି ସେ ଆଖି ଖୋଲିନି । ତା' ଓଠରେ ଯନ୍ତ୍ରଣାମୟ ହସଟିଏ ଲାଖି ରହିଥିଲା ।

***ବ୍ରାହ୍ମଣଶାସନ, ତାଳଚେର***
***ମୋ: ୯୪୩୭୧୩୧୪୫୪***

# ରାସ୍ତା

● ଋତୁପର୍ଣ୍ଣା ମହାପାତ୍ର



'ସତରେ ଗୋଟିଏ ନୂଆ ରାସ୍ତା ସବୁବେଳେ ଭାରି ଭଲଲାଗେ । ସେ ସହରର ହେଉ କି ଜୀବନର ।'

ସ୍ୱାତୀର ଏପ୍ରକାର କଥାରେ ଆକାଶ ଅଭ୍ୟସ୍ତ । ଯଦି ରାସ୍ତା ସ୍ୱାତୀକୁ ସୁନ୍ଦର ଲାଗିଲା ତେବେ ସେ ବହୁତ ଖୁସି ହୋଇଯାଏ । ପନ୍ଦର ବର୍ଷର ବିବାହିତା ଗୃହିଣୀ ସ୍ୱାତୀ ଭିତରୁ ହଠାତ୍ ଗୋଟିଏ କଳକଳ ଛଳଛଳ କବିପ୍ରାଣ ସ୍ୱାତୀ ବାହାରିଆସେ । ତେଣୁ ଭ୍ରମଣପ୍ରିୟ ଆକାଶ ସବୁବେଳେ ନୂଆନୂଆ ତଥା ଗଛଲତାରେ ପରିପୂର୍ଣ୍ଣ ଏବଂ ଅପେକ୍ଷାକୃତ ନିଛାଟିଆ ରାସ୍ତାରେ ନିଜ କାରଟିକୁ ଛୁଟାଇ ଦିଅନ୍ତି । ଏବେ କିଛିବର୍ଷ ହେଲା ସେମାନଙ୍କ ଛୋଟ ବଡ଼ ଭ୍ରମଣକୁ ଆହୁରି ମଜାଦାର କରୁଛି ଆକାଶ ଓ ସ୍ୱାତୀଙ୍କ ତେର ବର୍ଷର ଝିଅ ମାମୁନିର ଆଶ୍ଚର୍ଯ୍ୟ କରିଦେଲା ପରି ମନ୍ତବ୍ୟମାନ ।

ନଅବର୍ଷର ହୋଇଥିଲା ବେଳେ ଗୋଟିଏ ରାସ୍ତା ଦେଖି ମାମୁନି କହିଥିଲା, 'ପାପା ବୋଧହୁଏ ଏମିତି ଗୋଟିଏ ରାସ୍ତା ପାଇଁ 'ଜବ୍ ୱି ମେଟ୍'ର 'ମଞ୍ଜିଲ୍ ସେ ବେହେତର ଲଗ୍‌ନେ ଲଗି ହେଁ ୟେ ରାସ୍ତେଁ' ଗୀତଟି ଲେଖା ଯାଇଥିବ ।' ଆକାଶ ଓ ସ୍ୱାତୀ ଅଭିଭୂତ ହୋଇଉଠିଥିଲେ କୁନି ମାମୁନିର ଏତେ ସୁନ୍ଦର କଥାଟିରେ । ସେ ଯାହା ହେଉ ସେଦିନ ନୂଆ ରାସ୍ତା ଉପରେ ସ୍ୱାତୀର ଏ ମନ୍ତବ୍ୟ ଆକାଶକୁ ଆଶ୍ଚର୍ଯ୍ୟ କଲା ।

ଆକାଶ କହିଲେ, ହେଲେ ଏ ରାସ୍ତାଟା ତ ତୁମର ପୁରୁଣା ରାସ୍ତା । କଲେଜର ଦୀର୍ଘ ପାଞ୍ଚବର୍ଷ ତମେ ଏଇ ସହରରେ କାଟିଛ । ଆଉ ଏହି ରାସ୍ତା ହିଁ ତମର କଲେଜରୁ ଘର ଓ ଘରୁ କଲେଜ ଯିବାର ଏକମାତ୍ର ରାସ୍ତା ଥିଲା । ତାହାହେଲେ ନୂଆ କ'ଣ?''

ଏହିପରି କଥା ହେବା ଭିତରେ ହଠାତ୍ ଗାଡ଼ିର ଚକ ଗୋଟେ ଖାଲରେ ପଡ଼ିଗଲା । କିଛି ସମୟ ପାଇଁ କଥାର ସୁର କଟିଗଲା । ସ୍ୱାତୀ ବ୍ୟସ୍ତ ହୋଇ ମାମୁନିକୁ ଚାହିଁଲା ।

ମାମୁନି କହିଲା- 'ବ୍ୟସ୍ତ ହବାର ନାହିଁ ମାମା, ମୁଁ ଯେଉଁ ଭ୍ୟାନ୍‌ରେ ସ୍କୁଲ୍ ଯାଏ ସେ ଭ୍ୟାନ୍‌ଟା ଏମିତି ଏକ ଧଡ଼କଚ ରାସ୍ତାରେ ଗୋଟିଏ ପିଲାକୁ ଆଣିବାକୁ ଯାଏ । ଆମେ ସେ ପିଲା ନାଁ ଦେଇଛୁ ଧଡ଼କଚ ପିଲା । ମୋ' ପାଇଁ ଏସବୁ ଜମା ନୂଆ ନୁହେଁ । ଭ୍ୟାନ୍‌ରେ ଗଲେ କେତେ ଯେ ଅସୁବିଧା ତୁ ଭାବି ପାରିବୁନି ।''

ଏ କଥା ଶୁଣି ସ୍ୱାତୀ ଓ ଆକାଶ ହସି ଉଠିଲେ । ସେଦିନ ରାତିରେ ଆକାଶ ଓ ମାମୁନି ଶୋଇବାକୁ ଗଲାପରେ ସବୁବେଳ ପରି ସ୍ୱାତୀ ବହିଟିଏ ଧରି ବସିଲା । ହେଲେ ସେଦିନ ତା'ର ବହିପୃଷ୍ଠରେ ଧ୍ୟାନ ନଥିଲା । ସେ ତା'ର କଲେଜ ବେଳ ମନେପକାଉଥିଲା । ଅଠର କୋଡ଼ିଏ ବର୍ଷ ତଳର କଥା । କେତେ ବଦଳି ଗଲାଣି ସହରଟା । ଏବେ କେତେ ସୁବିଧା ହୋଇଗଲାଣି । ସେ ମାଟ୍ରିକ୍ ପାସ୍ କଲାପରେ ବାପାଙ୍କର ଏ ସହରକୁ ବଦଳି ହୋଇଥିଲା । ବାପା ପାଞ୍ଚବର୍ଷ ଏଠାରେ ରହିଲେ । ତେଣୁ ସେ ତା'ର କଲେଜ ଜୀବନ ଏହି ସହରରେ କାଟିଥିଲା । କଲେଜ ଠାରୁ ଘର ଥିଲା ସାତ କିଲୋମିଟର ଦୂର । ସେତେବେଳେ ଅଟୋରିକ୍ସାର ଏତେ ସୁବିଧା ନଥିଲା । କାଁ ଭାଁ ଅଟୋରିକ୍ସା ଚାଲୁଥିଲା । ତେଣୁ କେବଳ ଟାଉନ୍ ବସ୍ ଥିଲା ଭରସା । ହେଲେ ଲୋକଙ୍କ ତୁଳନାରେ ବସ୍ ସଂଖ୍ୟା କମ୍ ଥିଲା । ସେଥିପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା, ଅଜସ୍ର ଗହଳି । ଓଃ ଆଜି ସେସବୁ ଭାବି ହେଉନି ଯେ ସେ ସେହି ସ୍ୱାତୀ ଯିଏ ଏତେସବୁ ସମସ୍ୟାକୁ ସମ୍ମୁଖୀନ କରିଥିଲା କେବେ । ଆଜି ମାମୁନିର ସେକଥା ପଦକ ତାକୁ ଛୁଇଁ ଯାଇଥିଲା, ଯେ 'ଭ୍ୟାନ୍‌ରେ ଗଲେ କେତେ ଅସୁବିଧା ତୁ ଭାବି ପାରିବୁନି' । ମାମୁନି କ'ଣ କେବେ ଭାବି ପାରିବ ସେ ପାଠ ପଢୁଥିବା ବେଳର ଅସୁବିଧା । ଗହଳରେ ଚିପିଚାପି ହୋଇ, ଠିଆ ହୋଇ, ଝାଳ ଗରମରେ ଅତିଷ୍ଠ ହୋଇ ପ୍ରତିଦିନ ସାତ କିଲୋମିଟର ଯିବା ଆସିବା କେତେ କଷ୍ଟକର ହେଉଥିବ। ଖାଲି କ'ଣ ସେତିକି? ଯାବତୀୟ ବଦମାସ ପିଲା ଚଢ଼ିଥା'ନ୍ତି ବସ୍‌ରେ ଖାଲି ଝିଅମାନଙ୍କୁ ହଇରାଣ କରିବାକୁ । ଖରାପ ଖରାପ କମେଣ୍ଟ କରିବାକୁ । ବେଳେବେଳେ ଏତେ ବିରକ୍ତ ଲାଗେ ଯେ ପାଠ ପଢ଼ିବାକୁ ଇଚ୍ଛା ହୁଏନି । ଖାଲି ତା'ର ନୁହେଁ ସେ ସମୟରେ ଟାଉନ୍ ବସ୍‌ରେ ଯାଉଥିବା ପ୍ରତ୍ୟେକ ଝିଅଙ୍କର ଅଳ୍ପେ ବହୁତେ ଏ ଅନୁଭୂତି ନିଶ୍ଚୟ ଥିବ । ଯେତେ ବିରକ୍ତ ଲାଗିଲେ ମଧ୍ୟ ଅନ୍ୟ ଉପାୟ ନଥିବାରୁ ଏସବୁ ସହିବାକୁ ବାଧ୍ୟ ହେଉଥିଲା ସ୍ୱାତୀ । ଦିନେ ଦିନେ ଘରେ ପହଞ୍ଚି ବାପା ମାଆଙ୍କ ଆଗରେ କାନ୍ଦୁଥିଲା । ହେଲେ ପରେ ବାପା ମାଆ ଦୁଃଖୀ ହୋଇଥିବେ ଭାବି ପଶ୍ଚାତାପ କରୁଥିଲା । ଏସବୁ ଧୀରେ ଧୀରେ ସାଧାରଣ ଘଟଣା ହୋଇଗଲା । ଶୁଦ୍ଧ ଭାଷାରେ କହିଲେ ଦେହସୁହା । ତା' ମନରେ ପୁରୁଷ ସମାଜ ପାଇଁ ଏକ ଅଦ୍ଭୁତ ଧାରଣା ବସା ବାନ୍ଧୁଥିଲା ଯେ ସତରେ ବୋଧେ ଦୁନିଆରେ ଭଲ ମଣିଷ ନାହାନ୍ତି । ସେଥିପାଇଁ ସେ କାହା ଉପରେ ବିଶ୍ୱାସ କରିପାରୁନଥିଲା । ତା'ର କେହି ପୁଅପିଲା ସାଙ୍ଗ ମଧ୍ୟ ନଥିଲେ । ଦିନକର କଥା, ଯାହା ସେ କେବେ ମଧ୍ୟ ଭୁଲିପାରିବନି । ତା'ର ପ୍ରୀ-ଡିଗ୍ରୀ ପରୀକ୍ଷା ଅଳ୍ପଦିନ ଥାଏ । ସେହି ସହରରେ ରହୁଥିବା ସାନ ପିଉସୀ ସେଦିନ ଖାଇବାକୁ ଡାକିଥା'ନ୍ତି । ମାଆ ସ୍ୱାତୀକୁ କଲେଜ ନଯିବାକୁ କହିଲେ । ହେଲେ ସେଦିନ ୧୧.୧୫ରୁ ୧୨ଟା ଇକୋନୋମିକ୍ସ କ୍ଲାସ୍ ଥାଏ । ସେଇଟା ବହୁତ ଦରକାରୀ ଥିଲା । ସେ କ୍ଲାସ୍‌ଟା ସାରି ଚାଲିଆସିବ କହି ସ୍ୱାତୀ ବାହାରିଗଲା । କ୍ଲାସ୍ ସରିବା ପରେ ୧୨ଟା ବେଳେ ଖରା ଦେଖି ତାକୁ ଭାରି ବ୍ୟସ୍ତ ଲାଗିଲା । କେହି ସାଙ୍ଗ ମଧ୍ୟ ମିଳିଲେନି ତା' ସାଙ୍ଗେ ବସ୍‌ଷ୍ଟାପ୍ ପର୍ଯ୍ୟନ୍ତ ଆସିବାକୁ । ଏକୁଟିଆ ଖରାରେ ଗୋଟେ କିଲୋମିଟର ଚାଲିଚାଲି ଆସିବାଟା ତାକୁ ଭାରି ବାଧିଲା ପୁଣି ଟାଉନ୍‌ବସ୍ କଥା ଭାବି ତା' ଆଖିକୁ ଲୁହ ଆସିଗଲା । ଭାବିଲା ଆଜି ନଆସିଥିଲେ ଭଲ ହୋଇଥାନ୍ତା । ହେଲେ ଭଗବାନ୍‌ଙ୍କ ଦୟାରୁ ବସ୍ ସେଦିନ ଶୀଘ୍ର ଆସିଯାଇଥିଲା । ବେଶି ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ବସ୍‌କୁ ଉଠି ସ୍ୱାତୀ ଦେଖିଲା ଯଦିଓ ବସିବାକୁ ସିଟ୍ ନାହିଁ ହେଲେ ଗହଳି ନାହିଁ । ସେ ଶାନ୍ତିରେ ନିଃଶ୍ୱାସ ମାରିଲା । ବସ୍‌ର ଝର୍କାରୁ ଟିକେ ଟିକେ ଥଣ୍ଡା ପବନ ବାଜି ଭାରି ଆରାମ ଲାଗୁଥିଲା ତାକୁ । ଏଇ ଭିତରେ ସେ ଦେଖିଲା ପଛରେ କେତେଟା ପୁଅ ତାକୁ ଚାହିଁ ହସି ହସି କ'ଣ କଥା ହେଉଛନ୍ତି । ତାକୁ ଭାରି ଖରାପ ଲାଗିଲା । ସେ ଘୃଣାରେ ମୁହଁ ବୁଲେଇ ଦେଲା । ଏହି ଭିତରେ ଗୋଟିଏ ସିଟ୍ ଖାଲି ହେଲା । ଜଣେ ସ୍ତ୍ରୀ ଲୋକ ସେଠାରେ ବସିବାକୁ ଯାଉଥିଲେ, ହେଲେ ସେ ବସ୍‌ର କଣ୍ଡକ୍ଟର ତାଙ୍କୁ ଅଟକାଇ ସ୍ୱାତୀର ହାତ ଭିଡ଼ି ତାକୁ ସେଠାରେ ବସାଇଦେଲେ । ଘଟଣାଟି ବଡ଼ ଅପ୍ରତ୍ୟାଶିତ ଭାବେ ଘଟିଗଲା । ଏଥିପାଇଁ ବସ୍ ସାରା ଲୋକ ଅଜବ୍ ନଜରରେ ସ୍ୱାତୀକୁ ଚାହିଁ କ'ଣ ସବୁ ଫୁସ୍‌ଫାସ୍ ହେଲେ । ପୂର୍ବରୁ ପୁଅ ପିଲାଙ୍କ ବିଷୟରେ ଏକ ମନ୍ଦ ଧାରଣା ପୋଷଣ କରିଥିବା ସ୍ୱାତୀ ଚାଳିଶ ବର୍ଷ ବୟସ୍କ ବସ୍ କଣ୍ଡକ୍ଟରଟିକୁ ଏଥିରୁ ବାଦ୍ ଦେଇପାରୁନଥିଲା । ଏହି ଅପମାନ ସହିନପାରି ପର ଷ୍ଟପେଜ୍‌ରେ ସେ ବସ୍‌ରୁ ଓହ୍ଲାଇଗଲା ଏବଂ ଭାଗ୍ୟବଶତଃ ଅଟୋରିକ୍ସାଟିଏ ପାଇ ଘରେ ପହଞ୍ଚିଲା । ତା'ପରେ ମାଆଙ୍କ ସହ ସାନ ପିଉସୀଙ୍କ ଘରକୁ ଯିବା, ହୋହଲ୍ଲା, ଖିଆପିଆ, ମଜା କରିବା ଭିତରେ ରହିରହି ସ୍ୱାତୀର ସେ ଘଟଣାଟି ମନେପଡୁଥିଲା ଓ ତାକୁ ଅତି ବେଶି ବିବ୍ରତ କରୁଥିଲା । ରାତିରେ ଘରକୁ ଫେରି ସେ ଶାନ୍ତିରେ ଶୋଇପାରିଲା ନାହିଁ । ସକାଳକୁ ଢେର ବିଳମ୍ବରେ ଉଠିଲା । ମାଆ ବ୍ୟସ୍ତ ହୋଇ କହିଲେ ଯଦି ଦେହ ଭଲ ଲାଗୁନି ତା'ହେଲେ ଆଜି କଲେଜ ଯାଆନା । ଏହା ଶୁଣି ସ୍ୱାତୀ କଲେଜ ନଯିବାକୁ ସ୍ଥିର କଲା । ଗାଧୋଇବା ଆଗରୁ କାଲିର ଡ୍ରେସ୍ ସଫା କରି ଶୁଖାଇଲା ବେଳେ ସେ ସ୍ତବ୍ଧ ହୋଇଗଲା । ହେ ଭଗବାନ୍, ଇଏ କ'ଣ? ତା' କମିଜର କାଖ ପାଖରେ ପ୍ରାୟ ଅଢ଼େଇ ଇଞ୍ଚ ସିଲେଇ ଫିଟିଯାଇ ମେଲା ହୋଇଯାଇଛି । ତାକୁ ଆଉ କିଛି ବୁଝିବା ବାକି ରହିଲାନି । ସେ ବଦ୍‌ମାସ ପିଲା ସବୁ କାହିଁକି ହସୁଥିଲେ ଆଉ ସେ ବସ୍ କଣ୍ଡକ୍ଟର କାହିଁକି ଏମିତି ବ୍ୟବହାର କଲେ । ମନେ ମନେ ସେ କଣ୍ଡକ୍ଟରଙ୍କୁ ସ୍ୱାତୀ କାଲିଠୁ ଆଜି ଭିତରେ କେତେ ଗାଳି ନଦେଇଛି । ନିଜ ଅବହେଳା ତଥା ଭୁଲ୍ ବୁଝାମଣା ପାଇଁ ସେ ଲଜ୍ଜାରେ ମରିଯାଉଥିଲା । ହେଲେ ହଠାତ୍ ସ୍ୱାତୀ ଗୋଟିଏ ନୂଆ ରାସ୍ତା ଦେଖିଲା । ନିଜ ମାନସିକତାର ନୂଆ ରାସ୍ତା । ସମସ୍ତେ ଖରାପ ନୁହଁନ୍ତି । ପୃଥିବୀରେ ଭଲ ମଣିଷ ମଧ୍ୟ ଥାଆନ୍ତି । ଏମିତି ମଣିଷମାନଙ୍କ ପାଇଁ ହିଁ ପୃଥିବୀ ତିଷ୍ଠି ଥାଏ । ତା' ପରଠୁ ସ୍ୱାତୀର ଧାରଣା ବଦଳି ଗଲା । ଆଜି ସେ ଯେତେବେଳେ ନୂଆ ରାସ୍ତାଟିଏ ଦେଖେ ଭାରି ଖୁସିହୁଏ । ଆଜି ଯେତେବେଳେ ତା' ବଡ଼ ହେଉଥିବା ଝିଅ ଦୁନିଆରେ ଖରାପ ଜିନିଷ ଦେଖି ଦୁଃଖୀ ହୁଏ ସେତେବେଳେ ସ୍ୱାତୀ ତାକୁ ଭଲ ଜିନିଷ ଦେଖାଏ ଓ ବୁଝାଏ ପୃଥିବୀରେ ଭଲ ଜିନିଷର ଆଦର ବେଶି ଏବଂ ଆବଶ୍ୟକ ମଧ୍ୟ ବେଶି । ଖରାପ ମଣିଷ, ଜିନିଷ ତଥା ଘଟଣାର ପୃଥିବୀରେ କୌଣସି ସ୍ଥାନ ନଥାଏ । ସେଥିପାଇଁ ସେ କହେ ଗୋଟିଏ ଭଲ ରାସ୍ତା ସବୁବେଳେ ଭଲ । ମୋଡ଼ ବଦଳେଇ ଦେବା ପାଇଁ ଯଥେଷ୍ଟ । ସେ ସହରର ହେଉ କି ଜୀବନର କିମ୍ବା ମାନସିକତାର ।

ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ. ୮୨୪୯୫୨୫୧୪୬